## ସଂକ୍ଷେପରେ

### ଅଗ୍ନିବୀର ନିଯୁକ୍ତି ପାଇଁ ଅନ୍‌ଲାଇନ ପଞ୍ଜୀକରଣ

**ଢେଙ୍କାନାଳ ଅଫିସ, ୨୩।୨:** ଭାରତୀୟ ସେନା ଏହାର ନିଯୁକ୍ତି ପ୍ରକ୍ରିୟାରେ ସଂସ୍କାର ଆଣିଛି । ପ୍ରଥମ ଫିଲ୍‌ଟର ଭାବରେ ଅନ୍‌ଲାଇନ ସାଧାରଣ ପ୍ରବେଶିକା ପରୀକ୍ଷା ପ୍ରବର୍ତ୍ତନ କରିଛି । ଅଗ୍ନିବୀର ନିଯୁକ୍ତି ନିମନ୍ତେ ଅନ୍‌ଲାଇନ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ ବର୍ଗର ଆଶାୟୀମାନେ ସାଧାରଣ ପ୍ରବେଶିକା ପରୀକ୍ଷାରେ ଭାଗନେବା ପାଇଁ ଫେବୃୟାରୀ ୧୬ରୁ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଅନ୍‌ଲାଇନ୍ (www.joinindianarmy.nic.in)ରେ ଆବେଦନ କରିପାରିବେ। ଚଳିତବର୍ଷଠାରୁ ଅଗ୍ନିବୀର ନିଯୁକ୍ତି ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇଛି। ପ୍ରଥମେ କମ୍ପ୍ୟୁଟର ଆଧାରିତ ସାଧାରଣ ପ୍ରବେଶିକା ପରୀକ୍ଷା ଲାଗି ଅନ୍‌ଲାଇନ୍‌ରେ ଆଶାୟୀଙ୍କୁ ୨୫୦ଟଙ୍କା ଦେୟ ପ୍ରଦାନ କରିବାକୁ ପଡ଼ିବ। ଏପ୍ରିଲ୍ ୧୭ରୁ ମେ ୪ ମଧ୍ୟରେ ରାଜ୍ୟର ବିଭିନ୍ନ କେନ୍ଦ୍ରରେ ଉକ୍ତ ପରୀକ୍ଷା ହେବ। ଢେଙ୍କାନାଳ ଜିଲାର ଇଚ୍ଛୁକ ଆଶାୟୀମାନେ ଅଧିକ ସୂଚନା ପାଇଁ ସମ୍ବଲପୁରସ୍ଥିତ ସେନା ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଛି।

# ଖରା ପୂର୍ବରୁ ଜଳକଷ୍ଟ ଉତ୍କଟ


ମହିଳାମାନେ ହାଣ୍ଡି, ବାଲ୍‌ଟି ରଖି ରାସ୍ତା ଅବରୋଧ କରିଛନ୍ତି।

**ରାସ୍ତାକୁ ଓହ୍ଲାଇଲେ ମହିଳା**

■ ୮ ଘଣ୍ଟା ଧରି ଯାତାୟାତ ପ୍ରଭାବିତ

**ପରଜଙ୍ଗ, ୨୩।୨(ଡି.ଏନ୍.ଏ.)**

ଫେବୃୟାରୀ ଶେଷ ନ ହେଉଣୁ ଆରମ୍ଭ ହେଲାଣି ଜଳକଷ୍ଟ। ଆଗକୁ ସ୍ଥିତି କେତେ ଭୟଙ୍କର ହେବ, ତାହା ଏବେଠାରୁ ଜଳଜଳ ହୋଇ ଦିଶିଲାଣି। ଏଭଳି ଉତ୍କଟ ଜଳସମସ୍ୟା ପ୍ରତିବାଦରେ ଗୁରୁବାର ସକାଳେ ବାଲ୍‌ଟି, ମାଠିଆ ଧରି ରାସ୍ତାକୁ ଓହ୍ଲାଇଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁମୁସୀ ପଞ୍ଚାୟତ ଦେଶିରୀବୁରୀ ସାହିବାସୀ। ଫଳରେ ଭାଲୁମୁଣ୍ଡା–ଆଲୁଅଝରଣ ପୂର୍ତ୍ତ ବିଭାଗ ରାସ୍ତାରେ ଦୀର୍ଘ ୮ ଘଣ୍ଟା ଧରି ଯାତାୟାତ ପ୍ରଭାବିତ ହୋଇଥିଲା।

ଅଭିଯୋଗ ଅନୁଯାୟୀ, ସାହିକୁ ପାଇପ୍ ସହାୟତାରେ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି। ହେଲେ ୨ମାସ ହେଲା ପାଣି ଆସୁନାହିଁ। ଏ ନେଇ ସେମାନେ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଗୁହାରି କରିଥିଲେ ମଧ୍ୟ କେହି ତାଙ୍କ ସମସ୍ୟା ବୁଝୁନାହାନ୍ତି। ଯଦି ଖରାଦିନ ଆରମ୍ଭରୁ ଏଭଳି ସ୍ଥିତି ଉପୁଜିଲାଣି, ତେବେ ଆଗକୁ ପରିସ୍ଥିତି କ'ଣ ହେବ ବୋଲି ଗ୍ରାମବାସୀ ପ୍ରଶ୍ନ କରିବା ସହ ରାସ୍ତା ଅବରୋଧ କରିଥିଲେ। ଦାବିପୂରଣ ନ ହେବା ଯାଏ ସେମାନେ ଉଠିବେ ନାହିଁ ବୋଲି ଅଡ଼ି ବସିଥିଲେ। ସରପଞ୍ଚ ବଳରାମ ନାଏକ, ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଯନ୍ତ୍ରୀ ତ୍ରିଲୋଚନ ପ୍ରଧାନ ପହଞ୍ଚି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ଣରେ ରାସ୍ତାରୋକୋ ହଟିଥିଲା। ଏ ସଂକ୍ରାନ୍ତରେ ଯନ୍ତ୍ରୀ କୁହନ୍ତି, କେତେଜଣ ବ୍ୟକ୍ତି ଚୋରାରେ ପାଣି ସଂଯୋଗ ନେଇଛନ୍ତି। ତେଣୁ ଏଭଳି ଅସୁବିଧା ହୋଇଛି। ଖୁବ୍‌ଶୀଘ୍ର ଚୋରା ପାଇପ୍ ଲାଇନ୍ ସଂଯୋଗ କଟାଯିବ। ଯେପରି ସମସ୍ୟାର ତ୍ୱରିତ ସମାଧାନ ହୋଇପାରିବ, ତାହାର ବ୍ୟବସ୍ଥା କରାଯିବ।

କୁମୁସୀ ପଞ୍ଚାୟତ ଅଁଳାକଟା ଗ୍ରାମରେ କାର୍ଯ୍ୟକ୍ଷମ 'ବସୁଧା' ପ୍ରକଳ୍ପରେ ଅନୁରୂପ ସମସ୍ୟା ଦେଖାଦେଇଛି। ଉକ୍ତ ପ୍ରକଳ୍ପ ଉପରେ ଅଁଳାକଟା, ବସନ୍ତପଡ଼ା, ରିଆ ଗ୍ରାମର ୫୦୦ ପରିବାର ନିର୍ଭରଶୀଳ। ହେଲେ ନିୟମିତ ପାଣି ଆସୁ ନ ଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତାରୁ ଏଭଳି ସ୍ଥିତି ଉପୁଜିଥିବା ଗ୍ରାମବାସୀ କହିଛନ୍ତି। ଏହାର ସମାଧାନ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।


ରୋଗୀଙ୍କୁ ଫାଇଲେରିଆ କିଟ୍ ପ୍ରଦାନ କରାଯାଉଛି।

# ୪୨ ଫାଇଲେରିଆ ରୋଗୀଙ୍କୁ କିଟ୍ ବଣ୍ଟନ

**ଭୁବନ, ୨୩।୨(ଡି.ଏନ୍.ଏ.)**

ଭୁବନ ଏନ୍‌ଏସିର ବିଭିନ୍ନ ୱାର୍ଡରେ ରହୁଥିବା ୪୨ ଜଣ ଫାଇଲେରିଆ ସଂକ୍ରମିତଙ୍କୁ ଗୁରୁବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କିଟ୍ ବଣ୍ଟନ କରାଯାଇଛି। ଉକ୍ତ କିଟ୍‌ରେ ଟବ୍, ମଗ୍, ସାବୁନ୍, ଟାୱାଲ, ଗଜ କପଡ଼ା, ଔଷଧ ଆଦି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟର ତପନ ସାହୁଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଉପସ୍ଥିତ ରହି ରୋଗୀଙ୍କୁ କିଟ୍‌ର ବ୍ୟବହାର ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ଡାକ୍ତରଖାନାରେ ହାଇଡ୍ରୋସିଲ କ୍ୟାମ୍ପ ମଧ୍ୟ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୧୦ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିବାବେଳେ ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ସଂକଳ୍ପ କେଶରୀ ଭୋଳ, ଆନାସ୍ଥାସିଆ ବିଶେଷଜ୍ଞ ଡା. ଆପୋଲୋ ଦାସ, ଭୁବନ ଡାକ୍ତରଖାନାର କର୍ମଚାରୀ ଗାୟତ୍ରୀ ସାହୁ, ପୂର୍ଣ୍ଣଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀରାମ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା

**କାମାକ୍ଷାନଗର, ୨୩।୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଗୁନେଇବିଲି ପଞ୍ଚାୟତ ଅନ୍ତର୍ଗତ ବାଲିପଡ଼ା ଗ୍ରାମରେ ପ୍ରଭୁ ଶ୍ରୀରାମ, ମାତା ସୀତା, ଅନୁଜ ଲକ୍ଷ୍ମଣ, ମହାବୀର ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞ ଉତ୍ସବ ୪ ଦିନ ବ୍ୟାପୀ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ପାରମ୍ପରିକ ନୀତି ଅନୁଯାୟୀ ସୂର୍ଯ୍ୟପୂଜା, ଦ୍ୱିତୀୟ ଦିନ କଳସ ଶୋଭାଯାତ୍ରା, ତୃତୀୟ ଦିନ ବିଗ୍ରହଙ୍କ ପ୍ରାଣପ୍ରତିଷ୍ଠା, ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ତିମ ଦିବସରେ ଯଜ୍ଞ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ଗୁନେଇବିଲି ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ୧୦ରୁ ଊର୍ଦ୍ଧ୍ୱ ଗ୍ରାମର ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଦୈନିକ ରାମଚରିତ ମାନସ ପାରାୟଣ ଏବଂ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ପାରିମାଳ ଅଞ୍ଚଳର ମହିଳା ଓ ପୁରୁଷ ସଂକୀର୍ତ୍ତନମଣ୍ଡଳୀ ନାମଯଜ୍ଞରେ ସାମିଲ ହୋଇଥିଲେ। ଉତ୍ସାହୀ ଯୁବକ ଏବଂ ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ସୂଚାରୁରୂପେ ସମ୍ପାଦିତ ହୋଇଥିବା ଗ୍ରାମ ସଭାପତି ଭାଗୀରଥି ବେହେରା ସୂଚନା ଦେଇଛନ୍ତି।


ରାମ ମନ୍ଦିରରେ ପ୍ରତିଷ୍ଠା ହୋଇଥିବା ବିଗ୍ରହ।

# ଏକ୍‌ଜାମ ୱାରିୟର୍ସ ବଣ୍ଟନ


ଛାତ୍ରୀଛାତ୍ରଙ୍କୁ 'ଏକ୍‌ଜାମ ୱରିୟର୍ସ' ପୁସ୍ତିକା ବିତରଣ କରାଯାଇଛି।

**ଢେଙ୍କାନାଳ ଅଫିସ, ୨୩।୨**

ପରୀକ୍ଷାର୍ଥୀଙ୍କ ଉତ୍ସାହ ବୃଦ୍ଧି ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଏକ୍‌ଜାମ ୱାରିୟର୍ସ'କୁ ଢେଙ୍କାନାଳ ଜିଲାର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯାଇଛି। ପରୀକ୍ଷା ସମୟରେ ପିଲା ଓ ଅଭିଭାବକଙ୍କଙ୍କ ଉପରେ ଥିବା ଚାପ କମାଇବା, ପରୀକ୍ଷା ଭୟ ହ୍ରାସ ସମେତ ବହୁ ଉପାଦେୟ କଥା ଏଥିରେ ଉଲ୍ଲେଖ ରହିଛି।

ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପରୀକ୍ଷା ସମୟରେ ଚାପର ବଶବର୍ତ୍ତୀ ହେବା ଅନୁଚିତ। ପରୀକ୍ଷାକୁ ବୋଝ ନୁହେଁ, ବରଂ ଉତ୍ସବ ଭାବେ ଦେଖିବା ଲାଗି ପ୍ରଧାନମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ପୁସ୍ତକରେ ଲିଖିତ ଉପାଦେୟ ପରାମର୍ଶ ପରୀକ୍ଷାରେ କାମ ଦେବ। ପିଲାଙ୍କ ଆତ୍ମବିଶ୍ୱାସ ବଢ଼ାଇବ। ୨୦୩୬ରେ ଭାଷାଭିତ୍ତିକ ରାଜ୍ୟ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ସେହିପରି ଭାରତ ୨୦୪୭ରେ ସ୍ୱାଧୀନତାର ୧୦୦ବର୍ଷ ପୂରଣ କରିବ। ଏହି ସମୟ ମଧ୍ୟରେ ଭାରତକୁ ଏକ ବିକଶିତ ରାଷ୍ଟ୍ର ଭାବରେ ଗଢ଼ି ତୋଳିବା ପାଇଁ ପ୍ରଧାନମନ୍ତ୍ରୀ ଆଶାବାଦୀ ଅଛନ୍ତି। ଏଥିରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏଥିସହ ସେ ଛାତ୍ରୀଛାତ୍ରଙ୍କ ସଫଳତା କାମନା କରିଛନ୍ତି।

# ଦତ୍ତାତ୍ରେୟ ସାଇ ଆଶ୍ରମର ବାର୍ଷିକ ଉତ୍ସବ

**ଢେଙ୍କାନାଳ ଅଫିସ,୨୩।୨**

ଢେଙ୍କାନାଳ ସଦର ବ୍ଲକ କୃଷ୍ଣକୁମାରପୁରସ୍ଥିତ ଶ୍ରୀଦତ୍ତାତ୍ରେୟ ସାଇ ଆଶ୍ରମ ଟ୍ରଷ୍ଟର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ଶ୍ରୀଜଗନ୍ନାଥଙ୍କ ମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ପଣ୍ଡିତ ଲିଙ୍ଗରାଜ ମିଶ୍ର, ପଣ୍ଡିତ କୃତ୍ତିବାସ ଆଚାର୍ଯ୍ୟ, ପଣ୍ଡିତ ବସନ୍ତ ମିଶ୍ର, ପଣ୍ଡିତ ଭବାନୀ ଶଙ୍କର ମିଶ୍ର, ପଣ୍ଡିତ ତପନ ଦାଶ ପ୍ରମୁଖ ଯଜ୍ଞରେ ସହଯୋଗ କରିଥିଲେ। ସନ୍ଥ ଶ୍ରୀଗଣେଶନାଥ ମହାରାଜଙ୍କ ଦ୍ୱାରା ପୂର୍ଣ୍ଣାହୁତି ହୋଇଥିଲା।

ଏଥିପୂର୍ବରୁ ସକାଳେ ସୂର୍ଯ୍ୟପୂଜା, ଧୁନି ପୂଜା ଓ ଦ୍ୱାରପାଳ ପୂଜା ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନ ଆଳତି ପରେ ପ୍ରସାଦସେବନ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୯,୦୦୦ ଶ୍ରଦ୍ଧାଳୁ ପ୍ରସାଦସେବନ କରିଥିଲେ। ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟରୁ ସାଇ ଅନୁଗାମୀ ମାନେ ଯୋଗ ଦେଇଥିଲେ। ଆଶ୍ରମର କାର୍ଯ୍ୟକାରୀ ଅଧ୍ୟକ୍ଷ ଶାନ୍ତିବର୍ଦ୍ଧନ ମିଶ୍ର, ଉପସଭାପତି ଜୟବର୍ଦ୍ଧନ ମିଶ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ମହାନ୍ତି, ଆବାହକ ଅଖିଳ ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା। ଡ. ସୁରେନ୍ଦ୍ର ମହାନ୍ତି, ସୂର୍ଯ୍ୟନାରାୟଣ ମିଶ୍ର, ବିକାଶ ହିଣ୍ଡୋଚା, ଗୋପାଳ ଚନ୍ଦ୍ର ପାତ୍ର, ଫନୀଭୂଷଣ ପଟ୍ଟନାୟକ, ଶିବ ପ୍ରସାଦ ପଣ୍ଡା ବିଭିନ୍ନ ସେବା ଦଳ ସଦସ୍ୟ, ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ଶ୍ରୀ ଶିରିଡ଼ି ସାଇବାବାଙ୍କ ପାଲିଙ୍କି ଯାତ୍ରା, ଶେଜ ଆରତି ସମାପନ ହୋଇଥିଲା।



# କାଜୁ ଶିଳ୍ପୋଦ୍ୟୋଗୀ ଆକୁଳ ସାହୁଙ୍କ ସ୍ମୃତିଚାରଣ

**ଢେଙ୍କାନାଳ ଅଫିସ, ୨୩।୨**

ଢେଙ୍କାନାଳ 'ସପ୍ତରାଜ୍ୟ ତୈଳିକ ବୈଶ୍ୟ ସମାଜ' ପକ୍ଷରୁ ସଦର ବ୍ଲକ ଧୀରପାଟଣା ଗ୍ରାମର ବିଶିଷ୍ଟ ଉଦ୍ୟାନ କୃଷି ଶିଳ୍ପୋଦ୍ୟୋଗୀ ସ୍ୱର୍ଗତ ଆକୁଳ ସାହୁଙ୍କ ସ୍ମୃତିଚାରଣ ସଭା ଧୀରପାଟଣା ଜଗନ୍ନାଥ ମନ୍ଦିର ନିକଟ ନିଜସ୍ୱ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଅକାରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ ଯୋଗଦେଇ କହିଲେ, ଆକୁଳ ସାହୁଙ୍କ ଉଦ୍ୟମରେ ଶଙ୍କରପୁର–ଭାପୁର ଅଞ୍ଚଳରେ କାଜୁ ଚାଷ ଏବଂ କାଜୁ ପ୍ରକ୍ରିୟାକରଣ ଶିଳ୍ପ ଆରମ୍ଭ ହୋଇଥିଲା। ଦେଶୀ କାଜୁଚାଷ ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ। ମୁଖ୍ୟବକ୍ତା ପରିବେଶ୍‌ବିତ୍ ପ୍ରଦ୍ୟୁମ୍ନ ରଥ କହିଲେ, ଆଞ୍ଚଳିକ ଅର୍ଥନୈତିକ ସମୃଦ୍ଧିରେ ତାଙ୍କର ବଡ଼ ଯୋଗଦାନ ଥିଲା। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ସଚିବ ବିଶ୍ୱନାଥ ବେହେରା, ସମ୍ମାନିତ ବକ୍ତା ତୈଳିକ ବୈଶ୍ୟ ସମାଜର ଭ୍ରମରବର ସାହୁ, ଦିଲୀପ ସାହୁ, ରବୀନ୍ଦ୍ର ସାହୁ, ଦେବରାଜ ସାହୁ, ପ୍ରାଣବନ୍ଧୁ ସାହୁ, ବିନୟ ସାହୁ, ମଳୟ ସାହୁ, ସୁଶାନ୍ତ ସାହୁ, ଚତୁର୍ଭୁଜ ସାହୁ ପ୍ରମୁଖ ଶିଳ୍ପୋଦ୍ୟୋଗୀ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆକୁଳ ସାହୁଙ୍କ ପୁଅ ତ୍ରିଲୋଚନ ସାହୁ, ପ୍ରଶାନ୍ତ ସାହୁଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

# 'ଦୁର୍ଘଟଣା ରୋକିବାକୁ ବିହିତ ବ୍ୟବସ୍ଥା କର'

**ଢେଙ୍କାନାଳ ଅଫିସ, ୨୩।୨**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଗୁରୁବାର ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଜାତୀୟ ରାଜପଥରେ ସର୍ବାଧିକ ଦୁର୍ଘଟଣାଜନିତ ମୃତ୍ୟୁ ଘଟୁଛି। ତେଣୁ ୫୩ନଂ. ଓ ୫୫ନଂ. ଏନ୍‌ଏଚ୍‌ର ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକରେ ୨୪ ଘଣ୍ଟିଆ ଜଗୁଆଳି ବ୍ୟବସ୍ଥା କରିବା ଲାଗି ସେ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୟ ଜେନାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏନ୍‌ଏଚ୍‌କୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ସମାନ୍ତରାଳ କରିବା, ଆବଶ୍ୟକତା ଅନୁଯାୟୀ ସତର୍କତାମୂଳକ ବୋର୍ଡ ଓ ସାଇନେଜ୍ ଲଗାଇବା, ଶିକ୍ଷାନୁଷ୍ଠାନ ସମ୍ମୁଖରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା, ଶିବିର ମାଧ୍ୟମରେ ଜନସାଧାରଣଙ୍କୁ ଅଧିକ ସଚେତନ କରାଇବା ଲାଗି ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣବ କୁମାର ମିଶ୍ରଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ବୈଠକରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# କାର୍ଯ୍ୟରେ ଖିଲାପ ହେଲେ କାର୍ଯ୍ୟାନୁଷ୍ଠାନ

**ଉନ୍ନୟନ କାର୍ଯ୍ୟ ସମୀକ୍ଷା**

**ଢେଙ୍କାନାଳ ଅଫିସ, ୨୩।୨**

ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ପୂର୍ବାହ୍ଣରେ ଏମ୍‌ପି ମହେଶ ସାହୁଙ୍କ ଅଧ୍ୟକ୍ଷତାରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ପ୍ରତି ବ୍ଲକରେ ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପ କାମ ଧାର୍ଯ୍ୟ ସମୟରେ ଶେଷ କରିବା, ନିର୍ବାଚିତ ପ୍ରତିନିଧିଙ୍କ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ ତ୍ୱରାନ୍ୱିତ କରିବା, କାର୍ଯ୍ୟରେ ଗୁଣାବତ୍ତାକୁ ଧ୍ୟାନଦେବା, ସ୍ୱଚ୍ଛତା ଅବଲମ୍ବନ କରିବାକୁ ଏମ୍‌ପି ଗୁରୁତ୍ୱାରୋପ କରିଛନ୍ତି। ଉନ୍ନୟନମୂଳକ କାର୍ଯ୍ୟରେ କୌଣସି ପ୍ରକାର ଖିଲାପ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସତର୍କ କରାଇଛନ୍ତି। ଏଥିସହ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଦିଗରେ ବ୍ଲକ ଅଧ୍ୟକ୍ଷମାନେ ସହଯୋଗ କରିବାକୁ ଏମ୍‌ପି ନିବେଦନ କରିଛନ୍ତି।

ଡିସେମ୍ବର ସୁଦ୍ଧା ଯେପରି ଜିଲାର ସମସ୍ତ ଦୁର୍ଗମ ଗ୍ରାମକୁ ୧୦୨ ଓ ୧୦୮ ଆମ୍ବୁଲାନ୍ସ ଯାଇପାରିବ ସେଥିପ୍ରତି ବିହିତ ପଦକ୍ଷେପ ଗ୍ରହଣ କରିବା, ରୂପାନ୍ତର ହୋଇଥିବା ସ୍କୁଲର ରକ୍ଷଣାବେକ୍ଷଣ, ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରିବା, ଆଦର୍ଶ ପ୍ରକଳ୍ପଗୁଡ଼ିକରେ ଅଧିକ ଲୋକଙ୍କୁ କାମ ଯୋଗାଇ ଦେବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହ ପ୍ରତିମାସରେ ବିଡିଓମାନେ ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ, ଏମ୍‌ଜିଏନ୍‌ଆରଇଜିଏସ୍ ଲୋକପାଳ ଅମରେନ୍ଦ୍ର ମଲ୍ଲଙ୍କ ସମସ୍ତ ବ୍ଲକର ବିଡିଓ ଓ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।


ଉନ୍ନୟନ କାର୍ଯ୍ୟ ସମୀକ୍ଷା ବୈଠକରେ ଏମ୍‌ପି, ଜିଲାପାଳଙ୍କ ସମେତ ଅନ୍ୟମାନେ।

# 'ମୋଦି ସରକାର ଆଦାନୀଙ୍କ ଏଜେଣ୍ଟ'

**୧୩ରେ ରାଜଭବନ ଘେରିବ କଂଗ୍ରେସ**

**ଢେଙ୍କାନାଳ ଅଫିସ, ୨୩।୨**

'କେନ୍ଦ୍ରର ମୋଦି ସରକାର ନିର୍ଦ୍ଦିଷ୍ଟ ପୁଞ୍ଜିପତିଙ୍କୁ ଦେଶର ସମସ୍ତ ସମ୍ପତ୍ତି ଟେକି ଦେଇଛନ୍ତି। ମୋଦି ସରକାର ଆଦାନୀଙ୍କ ଏଜେଣ୍ଟ ଭଳି କାମ କରୁଛନ୍ତି।' ଏଭଳି ଅଭିଯୋଗ କରିଛନ୍ତି କଂଗ୍ରେସ ପର୍ଯ୍ୟବେକ୍ଷକ ତଥା ଏଆଇସିସି ସଦସ୍ୟ ବିଭୂତି ମିଶ୍ର। ଏହାର ପ୍ରତିବାଦରେ ଆସନ୍ତା ୧୩ ତାରିଖରେ ଦଳ ପକ୍ଷରୁ ରାଜଭବନ ଘେରାଉ କରାଯିବ ବୋଲି ଗୁରୁବାର ଢେଙ୍କାନାଳରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ସୂଚନା ଦେଇଛନ୍ତି।

ଭାଜପା ବିରୋଧରେ ବିଷୋଦଗାର କରି ପର୍ଯ୍ୟବେକ୍ଷକ ମିଶ୍ର କହିଲେ, ୨୦୧୪ ବେଳକୁ ବିଶ୍ୱ ଧନୀ ତାଲିକାରେ ଆଦାନୀ ୬୦୯ତମ ସ୍ଥାନରେ ଥିଲେ। ଗତ ୯ବର୍ଷ ମଧ୍ୟରେ ସେ ବିଶ୍ୱରେ ତୃତୀୟ ବୃହତ୍ତମ ଧନୀ ପାଲଟିଗଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିଗତ ସମ୍ପର୍କ ପାଇଁ ଆଦାନୀ, ଅମ୍ବାନୀ ଭଳି ଶିଳ୍ପପତି ଲାଭବାନ ହେଉଛନ୍ତି। ମୋଦି–ଆଦାନୀ ମେଣ୍ଟ ଦେଶର ଅର୍ଥନୀତିକୁ ଦୁର୍ବଳ କରୁଛି। ଜାନୁୟାରୀ ୨୪ରେ ହିଣ୍ଡେନ୍‌ବର୍ଗ ରିପୋର୍ଟ ପ୍ରକାଶ ପାଇବା ପରେ ବିଶ୍ୱବ୍ୟାପୀ ନିବେଶକଙ୍କ ଚିନ୍ତା ବଢ଼ିଯାଇଛି। କେବଳ ଭାରତର ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଆଦାନୀ ଗ୍ରୁପରେ ୮୦ ହଜାର କୋଟି ଏବଂ ଏଲ୍‌ଆଇସି ୩୬ ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗ କରିଛନ୍ତି। ବିନା ସରକାରୀ ଚାପରେ ଏହା ଅସମ୍ଭବ। ଏବେ ଆଦାନୀଙ୍କ ଶେୟାର ମୂଲ୍ୟ କମିଯିବା କାରଣରୁ ଏଲ୍‌ଆଇସି ଓ ଭାରତୀୟ ବ୍ୟାଙ୍କ ପାଖାପାଖି ୪୫ ହଜାର କୋଟି ଟଙ୍କା କ୍ଷତି ସହିଲେଣି। ଏହା ବିଶ୍ୱ ପୁଞ୍ଜିବଜାରରେ ଭାରତ ପ୍ରତି ନକାରାତ୍ମକ ଭାବନା ସୃଷ୍ଟି କରିଛି। ଆଦାନୀଙ୍କ ସମ୍ପର୍କରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବହୁ ପୂର୍ବରୁ ସରକାରଙ୍କୁ ଚେତାଇଥିଲେ। ହେଲେ ତାଙ୍କୁ ଶାସକ ଦଳର ନେତାମାନେ ବ୍ୟକ୍ତିଗତ ଆକ୍ଷେପ କଲେ। ଏବେ ସତ ଧରାପଡ଼ିଯାଇଛି। ଏହି ଘଟଣାର ନିରପେକ୍ଷ ତଦନ୍ତ ହେଉ ବୋଲି ସେ ଦାବି କରିଛନ୍ତି।

ସ୍ଥାନୀୟ ଗାନ୍ଧୀ ମନ୍ଦିରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ସରୋଜ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ମୁଖପାତ୍ର ପ୍ରେମଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

## ସଂକ୍ଷେପରେ

### ଅଟୋ ଚାଳକଙ୍କୁ ମାଡ଼ ମାରି ୩ ଗିରଫ

**ଅନୁଗୋଳ ଅଫିସ, ୨୩।୨:** ତାଳଚେର ଥାନା ହାଟତୋଟା ନିକଟରେ ଏକ ଅଟୋ ଚାଳକଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା ମାମଲାରେ ପୋଲିସ ୩ ଜଣଙ୍କୁ ୧୧ ମାସ ପରେ ଗିରଫ କରିଛି। ଅଟୋ ଚାଳକ କାଳିଆ ସାହୁଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ. ୧୮୪/୨୨ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗୁରୁବାର ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ତାଳଚେର ଥାନା କୁକୁଡ୍ଲା ଗ୍ରାମର ଚିତ୍ତରଞ୍ଜନ ନାଏକ, ଚନ୍ଦନ ନାଏକ ଓ ସଞ୍ଜୟ ନାଏକ।

### ୪ ବଖରା ଜଳିଗଲା

**ଅନୁଗୋଳ ଅଫିସ/ବଇଣ୍ଡା, ୨୩।୨(ଡି.ଏନ.ଏ.)-** ଅନୁଗୋଳ ବ୍ଲକ ଅନ୍ତୁଳିଆ ପଞ୍ଚାୟତ ଗଞ୍ଜଡା ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ଅଇଁଠୁ ପ୍ରଧାନଙ୍କ ୪ ବଖରା ଜଳିଯାଇଛି। ରୋଷେଇ କରୁଥିବାବେଳେ ଚୁଲିରୁ ନିଆଁ ଲାଗି ଅଗ୍ନିକାଣ୍ଡ ଘଟିଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଖବରପାଇ ଅନୁଗୋଳ ଅଗ୍ନିଶମ ବିଭାଗ କର୍ମଚାରୀ ଓ ଗ୍ରାମବାସୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଯାଇଛି। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସାହାଯ୍ୟ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ହ୍ୟାଣ୍ଡକଫ୍ ପକାଇ ଅଭିଯୁକ୍ତଙ୍କୁ ଚଲାଇ ନେଲା ପୋଲିସ

- ନାପସନ୍ଦ କଲେ ବୁଦ୍ଧିଜୀବୀ
- ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ- ଏସ୍‌ପି

**ଛେଣ୍ଡିପଦା ୨୩।୨(ସ୍ୱ.ପ୍ର.)**


ହ୍ୟାଣ୍ଡକପ୍ ପକାଯାଇଥିବା ଅବସ୍ଥାରେ ଅଭିଯୁକ୍ତଙ୍କୁ ପୋଲିସ ରାସ୍ତା ପାର୍ଶ୍ୱରେ ବସାଇ ଥାନା ଗାଡ଼ିକୁ ଅପେକ୍ଷା କରିଛି।

କୋର୍ଟରେ ହାଜର ପରେ ଜଣେ ଅଭିଯୁକ୍ତଙ୍କ ହାତରେ ହ୍ୟାଣ୍ଡକଫ୍ ପକାଇ ରାସ୍ତାରେ ଚଲାଇ ଚଲାଇ ନେଇଛି ପୋଲିସ। ଏପରି କି ଥାନା ଗାଡ଼ି ଆସିବା ଯାଏ ସେହି ଅବସ୍ଥାରେ ଅଭିଯୁକ୍ତଙ୍କୁ ବଜାର ମଧ୍ୟରେ ଦୀର୍ଘ ସମୟ ବସାଇ ରଖାଯାଇଛି। ଅନୁଗୋଳ ଜିଲା ବାଗଡ଼ିଆ ଥାନା ପୋଲିସ ଗୁରୁବାର କରିଥିବା ଏପରି କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି। ବାଗଡ଼ିଆ ପୋଲିସ ଆଇନକୁ ଠିକ୍ ଭାବେ ପାଳନ କରି ନ ଥିବା ଓ ଏହା ମାନବିକ ଅଧିକାର ଉଲ୍ଲଂଘନ ପରିସରଭୁକ୍ତ ବୋଲି ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଥାନା ଅଞ୍ଚଳର ଜଣେ ଯୁବକଙ୍କ ନାମରେ ୨୦୨୦ ମସିହାରେ ଗଣ୍ଡଗୋଳ ଘଟଣାରେ ୩୦୭ ଦଫାରେ ମାମଲା ରୁଜୁ ହୋଇଥିଲା। ହେଲେ ଦୀର୍ଘ ଦିନ ପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିଲା। ତେବେ ଅଦାଲତ ପକ୍ଷରୁ ଜିଆର୍ କେସ୍ ନଂ. ୪୮୦/୨୦ରେ ୱାରେଣ୍ଟ ଜାରି ହେବା ପରେ ବାଗଡିଆ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଛେଣ୍ଡିପଦା କୋର୍ଟରେ ହାଜର କରିଥିଲା। ଅଦାଲତରେ କାର୍ଯ୍ୟ ସମ୍ପନ୍ନ ପରେ ତାଙ୍କୁ ଜେଲ୍‌କୁ ନେବା ପ୍ରକ୍ରିୟା ପୋଲିସ ଆରମ୍ଭ କରିଥିଲା। କିନ୍ତୁ ଥାନା ଗାଡ଼ିରେ ନେବା ପରିବର୍ତ୍ତେ ଅଭିଯୁକ୍ତଙ୍କ ହାତରେ ହ୍ୟାଣ୍ଡକଫ୍ ଲଗାଇ ରାସ୍ତାରେ ଚଲାଇ ଚଲାଇ ନେଉଥିବା ଦେଖିବାକୁ ମିଳିଥିଲା। ଛେଣ୍ଡିପଦା ତହସିଲ ଛକ ନିକଟରେ ପୋଲିସ ଅଭିଯୁକ୍ତଙ୍କୁ ରାସ୍ତା ପାର୍ଶ୍ୱରେ ବସାଇ ଗାଡିକୁ ଅପେକ୍ଷା କରିଥିଲା। କିଛି ସମୟ ପରେ ଥାନା ଗାଡ଼ି ପହଞ୍ଚିବାରୁ ପୋଲିସ ଅଭିଯୁକ୍ତଙ୍କୁ ଗାଡ଼ିରେ ବସାଇ ନେଇଥିଲା। ଏ ସମ୍ପର୍କରେ ବାଗଡିଆ ଥାନା ଅଧିକାରୀ ମାନସ ମହାକୁଳ କହିଛନ୍ତି, ଏଥିରେ କିଛି ଅସୁବିଧା ନାହିଁ। ତେବେ ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଅନୁଗୋଳ ଅଫିସ, ୨୩।୨**

ଅନୁଗୋଳ ଜିଲା କୋଲିୟରୀ ଥାନା ପୋଲିସ ଡେରା ଶାନ୍ତିନଗର ଚର୍ଚ୍ଚ ନିକଟରେ ଚଢ଼ାଉ କରି ୧୦ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏଥିସହ ଡେରା ଗ୍ରାମର ବିଶ୍ୱରଞ୍ଜନ ନାଏକ(୩୦)ଙ୍କୁ ଗିରଫ କରାଯାଇଛି। ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି, ଏସ୍‌ଆଇ ସ୍ୱରୂପ ପତ୍ରି ବୁଧବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ବ୍ରାଉନସୁଗାର କାରବାର ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ଏହାପରେ ସେ ଶାନ୍ତିନଗର ଚର୍ଚ୍ଚ ନିକଟରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ତାଳଚେରର ଅତିରିକ୍ତ ତହସିଲଦାର ପ୍ରକାଶ ଚନ୍ଦ୍ର ନାୟକଙ୍କ ଉପସ୍ଥିତିରେ ଜବତ ନିଶା ସାମଗ୍ରୀ ଓଜନ କରାଯାଇଥିଲା। ଏସ୍‌ଆଇ ସ୍ୱରୂପ ପତ୍ରି ଥାନାରେ ଲିଖିତ ଅଭିଯୋଗ କରିବା ପରେ ନଂ. ୧୧୦/୨୩ରେ ମାମଲା ରୁଜୁ ହୋଇଛି। ଏସ୍‌ଆଇ ପ୍ରଶାନ୍ତ କୁମାର ସେଠୀ ମାମଲାର ଅଧିକ ତଦନ୍ତ କରୁଛନ୍ତି।

# ‘ସାଧନାରେ ସାଂସାରିକ ଦୁଃଖ ଅପସରିଯାଏ’

**ଢେଙ୍କାନାଳ ଅଫିସ, ୨୩।୨**

ଢେଙ୍କାନାଳ ମହିଷାପାଟସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଗୁରୁବାର ବିଶିଷ୍ଟ ଭାଷା ବିଶେଷଜ୍ଞ, ଗ୍ରନ୍ଥକାର, ସାହିତ୍ୟିକ ତଥା ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମାର୍ଥାପୁର୍ ହାଇସ୍କୁଲର ୧୯୬୭ ବ୍ୟାଚ୍ ସହପାଠୀଙ୍କ ତରଫରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ନିଜ ପ୍ରତିକ୍ରିୟାରେ ପଣ୍ଡିତ ମିଶ୍ର କହିଲେ, ଜୀବନକୁ ସାଧନାମୟ କଲେ ସାଂସାରିକ ଦୁଃଖ ଅପସରି ଯାଏ। ଦୁର୍ଘଟଣାରେ ଚାଲିବା ଶକ୍ତି ହରାଇବା ତାଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇଥିଲା। ଫଳରେ ସେ ଅଧ୍ୟୟନ, ଅନୁଶୀଳନ ଓ ଗବେଷଣରେ ମନୋନିବେଶ କରିପାରିଲେ।

ଡ. ପ୍ରେମାନନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ଦାସ, ରଙ୍ଗାଧର ପଣ୍ଡା, ରବିନାରାୟଣ ସାମଲ, ପ୍ରେମାନନ୍ଦ ସାମଲ, ବିଚିତ୍ରାନନ୍ଦ ସାମଲ, ବିରଞ୍ଚି ନାରାୟଣ ମିଶ୍ର, ବିଳାସ ଚନ୍ଦ୍ର ଦାସ, ଅନଙ୍ଗ ନାୟକ, ନନ୍ଦକିଶୋର ସାହୁ, ପ୍ରସନ୍ନ ଦାସ, ଅନନ୍ତ ଚରଣ ସାହୁ, ଶ୍ରୀକାନ୍ତ ପଣ୍ଡା, ସର୍ବେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ରହି ପଣ୍ଡିତ ମିଶ୍ରଙ୍କ ଦୀର୍ଘ ନିରାମୟ ଜୀବନର କାମନା କରିଥିଲେ। ରମେଶ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଜଙ୍ଗଲ ଜଳୁଛି, ବନ୍ୟଜନ୍ତୁ ଗାଁମୁହାଁ

**ବଇଣ୍ଡା, ୨୩।୨(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ଅଧୀନରେ ଥିବା ବିପ୍ରଡିହ ଜଙ୍ଗଲ କିଛିଦିନ ହେବ ଜଳୁଛି। ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିବା ଉକ୍ତ ଜଙ୍ଗଲ ଏବେ ଅସୁରକ୍ଷିତ ହୋଇପଡିଛି। ଏହି ଜଙ୍ଗଲରେ ନିଆଁ କିପରି ଲାଗିଲା ତାହା ଜଣାପଡି ନ ଥିବା ବେଳେ ଏହାକୁ ଲିଭାଇବାରେ ବନବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। ନିଆଁ ଯୋଗୁ ବନ୍ୟଜନ୍ତୁ ଗାଁ ମୁହାଁ ହେଉଥିବା ଦେଖିବାକୁ ମିଳୁଛି।

ଅଞ୍ଚଳବାସୀ କହିଛନ୍ତି, ୧୯୯୫ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ଜଙ୍ଗଲରେ ଶାଳ, ପିଆଶାଳ, ଶାଗୁଆନ, ପଟାସ ଭଳି ଅନେକ ମୁଲ୍ୟବାନ ଗଛ ଲଗାଯାଇଥିଲା। ସେଗୁଡିକ ଏବେ ବଡ଼ ବଡ଼ ହୋଇଯାଇଥିବା ଯୋଗୁ ଜଙ୍ଗଲ ଘଞ୍ଚ ହୋଇଯାଇଛି। ତେବେ ଗଛ କାଟି ବାହାରକୁ ଚାଲାଣ କରିବାରେ ବାଧକ ସୃଷ୍ଟି ହେଉଥିବାରୁ କେତେଜଣ କାଠ ମାଫିଆ ଗାଇ ଚରାଳିଙ୍କ ସହାୟତାରେ ଜଙ୍ଗଲରେ ନିଆଁ ଲଗାଇ ଦେଉଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଜଙ୍ଗଲରେ ନିଆଁ ଲଗାଇବା ଯୋଗୁ ଅନେକ ଔଷଧୀୟ ବୃକ୍ଷ, କୀଟ ପତଙ୍ଗ, ସରୀସୃପ ପୋଡି ପାଉଁଶ ହେଇଯାଉଛନ୍ତି। ଏ ନେଇ ଧଣ୍ଡାତୋପା ବନବିଭାଗକୁ ସୂଚନା ଦେଲେ ମଧ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ବନବିଭାଗର ଉଚ୍ଚ ଅଧିକାରୀ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଧଣ୍ଡାତୋପା ରେଞ୍ଜର ବି. ସାହୁ ନିଆଁ ଲାଗିନାହିଁ କହି ପ୍ରସଙ୍ଗକୁ ଏଡାଇ ଦେଇଥିଲେ।


ବିପ୍ରଡିହ ଜଙ୍ଗଲରେ ନିଆଁ ଲାଗିଛି।

# ୧୦ ସଂସ୍ଥାରେ ନିଯୁକ୍ତି ପାଇଲେ ୧୨୫

**ଅନୁଗୋଳ ଅଫିସ, ୨୩।୨**

ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅନୁଗୋଳ ପୌରପାଳିକା ଏବଂ ଲାଇଟ ହୋମ୍ କମ୍ୟୁନିଟି ପକ୍ଷରୁ ଏକ ନିଯୁକ୍ତି ଶିବିର ଗୁରୁବାର ଲାଇଟ ହାଉସ ଟ୍ରେନିଂ ସେଣ୍ଟର (ଜିଲା କଳାକେନ୍ଦ୍ର)ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ନିଯୁକ୍ତି ମେଳାରେ ବସ୍ତି ଅଞ୍ଚଳର ମୋଟ ୩୭୧ ଯୁବତୀ ଯୁବକ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨୫ ଜଣଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ମିଳିଥିବା ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ସୂଚନା ଦେଇଛନ୍ତି।


ନିଯୁକ୍ତି ମେଳାକୁ ଆସିଥିବା ବସ୍ତି ଅଞ୍ଚଳର ଯୁବତୀ ଯୁବକମାନେ।

ସୂଚନାଯୋଗ୍ୟ, ଅନୁଗୋଳରେ ଏଭଳି ନିଯୁକ୍ତି ମେଳା ପ୍ରଥମଥର ପାଇଁ ଆୟୋଜନ କରାଯାଇଛି। ନାମ ପଞ୍ଜୀକରଣ କରିଥିବା ଯୁବତୀ ଯୁବକଙ୍କ ମଧ୍ୟରୁ ବିଭିନ୍ନ ପର୍ଯ୍ୟାୟରେ ସାକ୍ଷାତକାର କରାଯାଇ ୧୨୫ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଏଥିସହ ୩୦ ଜଣଙ୍କୁ ତାଲିମ ପାଇଁ ମନୋନୀତ କରାଯାଇଛି। ତେବେ ନିଯୁକ୍ତି ପାଇଥିବା ଯୁବତୀ ଯୁବକମାନେ କିଭଳି କାର୍ଯ୍ୟ କରୁଛନ୍ତି, ତାହା ଉପରେ ଲାଇଟ ହୋମ୍ କମ୍ୟୁନିଟି ପକ୍ଷରୁ ୨ ବର୍ଷ ପର୍ଯ୍ୟନ୍ତ ନଜର ରଖାଯିବ। ସେମାନଙ୍କ କୌଣସି ସମସ୍ୟା ହେଲେ ସଂସ୍ଥାଗୁଡ଼ିକ ସହ ଯୋଗାଯୋଗ କରାଯାଇ ତାହାର ସମାଧାନ କରାଯିବ। ତେବେ ଅନୁଗୋଳ ସହରର ବସ୍ତି ଅଞ୍ଚଳରେ ଥିବା ଯୁବତୀ ଯୁବକମାନଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାରଙ୍କ ଜାଗା ମିଶନ ଅଧୀନରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରହିଛି। ଏଥିରେ ମୁଖ୍ୟତଃ ସହରାଞ୍ଚଳର ବସ୍ତିରେ ବାସ କରୁଥିବା ଯୁବତୀ ଓ ଯୁବକମାନଙ୍କୁ ପ୍ରଥମେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହାପରେ ନିଯୁକ୍ତି ମେଳା ମାଧ୍ୟମରେ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମ ଆଗକୁ ଜାରି ରହିବ ବୋଲି ନିର୍ବାହୀ ଅଧିକାରୀ ମଲ୍ଲିକ କହିଛନ୍ତି। ଏହି ମେଳାରେ ନିର୍ବାହୀ ଅଧିକାରୀ ମଲ୍ଲିକଙ୍କ ସହ ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ, ଲାଇଟ୍ ହାଉସ କ୍ଲଷ୍ଟର ହେଡ୍ ଗୋପାଳ ମଦାନି, ନିଯୁକ୍ତି ଅଧିକାରୀ ମଙ୍ଗଳ ବିଭୂତି ଓ ସେଣ୍ଟର ହେଡ୍ ସୁଶ୍ରୀଲେଖା ଜେନା, କାଉନସିଲର ବଳରାମ ଜେନା, ସରିତା ମିଶ୍ର, ଶଙ୍କର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାରମ୍ବାର ଅଭ୍ୟାସ ସଫଳତା ଦେବ

**ବଅଁରପାଲ, ୨୩।୨ (ଡି.ଏନ.ଏ.)**

ସାମାଜିକ ସଙ୍ଗଠନ ସ୍ପନ୍ଦନ ତରଫରୁ ଏବଂ ନେହେରୁ ଯୁବ କେନ୍ଦ୍ର ଅନୁଗୋଳ ଆନୁକୂଲ୍ୟରେ ଏକ ବୃତ୍ତି ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅର୍ଚ୍ଚନା ଦେହୁରୀ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱରସ୍ଥିତ ତାଲିମ ଏବଂ ନିଯୁକ୍ତି ପ୍ରଦାନ ସଂସ୍ଥା ଆଭିଡି ସମୂହର ସଚିନ ୱାଠରେ ଯୋଗଦେଇ ବିଭିନ୍ନ କୌଶଳ ଦ୍ୱାରା ବିଷୟଗତ ପାଠ୍ୟକ୍ରମକୁ ସହଜରେ, ଆଗ୍ରହର ସହିତ ବାରମ୍ବାର ଅଭ୍ୟାସ କଲେ ଆଗାମୀ ସମୟରେ ସଫଳତା ନିଶ୍ଚିତ ମିଳିପାରିବ ବୋଲି କହିଥିଲେ। ପ୍ରଶିକ୍ଷଣଦାତ୍ରୀ ମିନର୍ଭା ଦାଶ, ପତଞ୍ଜଳି ଯୋଗ ସମିତି ଅନୁଗୋଳର ସଭାପତି ଅଭୟ କୁମାର ରାୟ, ନେହେରୁ ଯୁବ କେନ୍ଦ୍ର ଅନୁଗୋଳ ଜିଲା ଯୁବ ସଂଯୋଜକ ପ୍ରଦୀପ କୁମାର ଦୋଗ୍ରା, ଖବରଦାତା ଜଗଦାନନ୍ଦ ପ୍ରଧାନ, ଓମ୍ ବିଦ୍ୟାଭାରତି ଆବାସିକ ଉଚ୍ଚ ବିଦ୍ୟାଳୟର ନିର୍ଦ୍ଦେଶକ ରତ୍ନାକର ଦାଶ ପ୍ରମୁଖ ଯୋଗଦେଇ ବୃତ୍ତିଗତ ଶିକ୍ଷାରେ ସଫଳତା ହାସଲ ଲାଗି ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସ୍ପନ୍ଦନର ସଦସ୍ୟ ବିଭୁ ପ୍ରସାଦ ଶତପଥୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସ୍ପନ୍ଦନ ସଦସ୍ୟ ସମ୍ପାଦକ ଦୀପକ କୁମାର ସାହୁ ସଭା କାର୍ଯ୍ୟ ପରିଚାଳନାରେ ସହାୟତା କରିଥିଲେ। ନେହେରୁ ଯୁବ କେନ୍ଦ୍ରର ସଦସ୍ୟ ତପନ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୫୦ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

# କୋଇଲା ସହ ଟ୍ରକ୍ ଜବତ, ୨ ଗିରଫ

**ଅନୁଗୋଳ ଅଫିସ, ୨୩।୨**

ଅନୁଗୋଳ ଜିଲା ନିଶା ଥାନା ଅଞ୍ଚଳରେ ଚୋରାରେ କୋଇଲା ଚାଲାଣ ବେଳେ ପୋଲିସ ଚଢ଼ାଉ କରି କୋଇଲା ସହ ଏକ ଟ୍ରକ୍ ଜବତ କରିଛି। ଏଥିସହ ୨ ଜଣଙ୍କୁ ଗିରଫ କରିଛି। ନିଶା ଥାନା ଏସ୍‌ଆଇ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୩୩/୨୩ରେ ମାମଲା ରୁଜୁ କରି ଯାଜପୁର ସୁକିନ୍ଦା ଥାନା ଜାମୁପଶି ଅଞ୍ଚଳର ଟ୍ରକ୍ ଚାଳକ ଗୋବିନ୍ଦ ପ୍ରଧାନ(୨୮) ଓ ହେଲପର ଅଜିତ୍ ମୁଦୁଲି(୩୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନା ଅଧିକାରୀ ପ୍ରିୟବ୍ରତ ଦାସ କହିଛନ୍ତି, ଏକ ୧୪ ଚକିଆ ଟ୍ରକ୍‌ରେ କୋଶଳାରୁ ଅନୁଗୋଳକୁ ଚୋରାରେ କୋଇଲା ଚାଲାଣ ହେଉଥିବା ପୋଲିସକୁ ଖବର ମିଳିଥିଲା। ଫଳରେ ନିଶା ପୋଲିସ ରାଇଝରଣ ନିକଟରେ ଜଗି ରହିଥିଲା। ଏସ୍‌ଆଇ କୁନି ବାରିକ୍ ମାମଲାର ଅଧିକ ତଦନ୍ତ କରୁଛନ୍ତି।

# ନିୟମ ମାନୁ ନ ଥିଲେ କାର୍ଯ୍ୟାନୁଷ୍ଠାନ ନିଅ

**ଅନୁଗୋଳ ଅଫିସ, ୨୩।୨**



ଜିଲାରେ ଚାଲୁଥିବା ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡ଼ିକରେ ପିସି ଆଣ୍ଡ ପିଏନ୍‌ଡିଟି ଆଇନ୍‌ର ଠିକ୍ କାର୍ଯ୍ୟକାରିତାକୁ ନେଇ ଗୁରୁବାର ଅପରାହ୍ନରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଲଟ୍ରାସାଉଣ୍ଡ କ୍ଲିନ୍‌କର ସମୀକ୍ଷା କରି ନିୟମାନୁଯାୟୀ କାର୍ଯ୍ୟ କରୁ ନ ଥିବା କ୍ଲିନିକ ଉପରେ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଲିଙ୍ଗଗତ ହାରରେ ଅସମାନତା ଦୂର କରିବା ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତ୍ରିଲୋଚନ ପ୍ରଧାନ ବୈଠକରେ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଡିଏମ୍‌ଓ (ପରିବାର କଲ୍ୟାଣ) ଡାକ୍ତର ଦିଲୀପ କୁମାର ପଟ୍ଟନାୟକ ନିଆଯାଇଥିବା ବିଭିନ୍ନ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରସୂତି ବିଭାଗର ବରିଷ୍ଠ ଡାକ୍ତର ଗୌରୀଶଙ୍କର ବଳ, ଡିପିଏମ୍ ଦୀପକ କୁମାର ମହାନ୍ତି, ଡିଡିଏମ୍ ଦୀନେଶ ଗଡ଼ନାୟକ, ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ଦାସ, ଡେପୁଟି ମ୍ୟାନେଜର (ଆଇସିଏଚ୍) ସୂର୍ଯ୍ୟ ପ୍ରତାପ ମହାମାନସିଂ, ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଲୋପାମୁଦ୍ରା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଛାତ୍ରୀଛାତ୍ରଙ୍କୁ ଏକଜାମ ୱାରିୟର୍ସ ବଣ୍ଟନ

**ଅନୁଗୋଳ ଅଫିସ, ୨୩।୨**

ଅନୁଗୋଳ ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଲିଖିତ ପୁସ୍ତକ ଏକଜାମ୍ ୱାରିୟର୍ସ ବଣ୍ଟନ କରାଯାଇଛି। ଏହି ପୁସ୍ତକ ପାଇ ଛାତ୍ରୀଛାତ୍ରମାନେ ଖୁସିବ୍ୟକ୍ତ କରିଛନ୍ତି। ପରୀକ୍ଷା ସମୟରେ ପିଲା ଓ ଅଭିଭାବକଙ୍କ ଉପରେ ଥିବା ଚାପ କମାଇବା ଏବଂ ଭୟ ଦୂର କରିବା ସହ ବିଭିନ୍ନ ଉପାଦେୟ କଥା ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି। ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପରୀକ୍ଷା ସମୟରେ ଭୟ ଓ କୌଣସି ଚାପର ବଶବର୍ତ୍ତୀ ହେବା ଅନୁଚିତ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ପରୀକ୍ଷାକୁ ବୋଝ ଭାବେ ନୁହେଁ ବରଂ ଉତ୍ସବ ଭାବେ ଦେଖିବା କଥା। ସଫଳତା ପାଇଁ ଉଭୟ ମନ ଓ ଶରୀରକୁ ସୁସ୍ଥ ରଖିବା ଜରୁରୀ। ଏହା ପିଲାମାନଙ୍କର ଆତ୍ମବିଶ୍ୱାସକୁ ବଢ଼ାଇବ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି।


ପାଇଥିବା ଏକଜାମ ୱାରିୟର୍ସକୁ ଛାତ୍ରୀମାନେ ପ୍ରଦର୍ଶନ କରୁଛନ୍ତି।

# ଆଦାନୀଙ୍କ ସାମ୍ରାଜ୍ୟ ପଛରେ ପ୍ରଧାନମନ୍ତ୍ରୀଙ୍କ ସହଯୋଗ

## ଖବରଦାତା ସମ୍ମିଳନୀରେ କଂଗ୍ରେସର ଅଭିଯୋଗ

**ଅନୁଗୋଳ ଅଫିସ, ୨୩।୨**

୨୦୧୪ ମସିହାରେ ବିଶ୍ୱ ଧନୀ ତାଲିକାରେ ୬୦୯ ତମ ସ୍ଥାନରେ ଥିବା ଆଦାନୀ ମାତ୍ର ୯ ବର୍ଷ ମଧ୍ୟରେ ବିଶ୍ୱର ତୃତୀୟ ଧନୀ ହୋଇପାରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରଚ୍ଛନ୍ନ ସହଯୋଗରେ ହିଁ ଆଦାନୀ ତାଙ୍କର ସାମ୍ରାଜ୍ୟ ବିସ୍ତାର କରିପାରିଛନ୍ତି।



ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତରେ ଯିବାବେଳେ ଆଦାନୀଙ୍କୁ ସାଥିରେ ନେବା ସହ ବିଭିନ୍ନ ଦେଶରେ ତାଙ୍କର ବ୍ୟବସାୟିକ ବ୍ୟବସ୍ଥା କରିଥିବା ନଜରକୁ ଆସିଛି। ଏହା ଭାରତର ସର୍ବବୃହତ ତଥା ମହାମେଗା ସ୍କାମ ଭାବେ ପରିଗଣିତ ହେବ। ପ୍ରଧାନମନ୍ତ୍ରୀଙ୍କ ଭୁଲ ନିଷ୍ପତ୍ତି ଓ ଦୃଢ଼ ବନ୍ଧୁପ୍ରୀତି ପାଇଁ ଦେଶରେ ଅହେତୁକ ଦରବୃଦ୍ଧି, ବେକାରି ସମସ୍ୟା, ଆର୍ଥିକ ବିଶୃଙ୍ଖଳା ସୃଷ୍ଟି ହୋଇଛି ବୋଲି ଅନୁଗୋଳ ଜିଲା କଂଗ୍ରେସର ପର୍ଯ୍ୟବେକ୍ଷକ ଜୟନ୍ତ କୁମାର ମହାନ୍ତି ଅଭିଯୋଗ କରିବା ସହ ଆଗାମୀ ଦିନରେ ଭାରତୀୟ ଜାତୀୟ କଂଗ୍ରେସ ଏହାର ଦୃଢ଼ ଜବାବ ଦେବ ବୋଲି ଅନୁଗୋଳ ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପର୍ଯ୍ୟବେକ୍ଷକ ମହାନ୍ତି ପ୍ରକାଶ କରିଛନ୍ତି।

ଜୟନ୍ତ କହିଛନ୍ତି, ପ୍ରଧାନମନ୍ତ୍ରୀ ସଂସଦ ଗୃହରେ ମଧ୍ୟ ଏହାର ଜବାବ ରଖିନାହାନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ। ତଦନ୍ତ ପାଇଁ ଯୁଗ୍ମ ସଂସଦୀୟ କମିଟି ଗଠନ କରିବାକୁ ହେଉଥିବା ଦାବିକୁ ସରକାର ଏଡାଇଯିବା ଦୁର୍ଭାଗ୍ୟଜନକ। ଏଣୁ ବାଧହୋଇ ଭାରତୀୟ ଜାତୀୟ କଂଗ୍ରେସ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ତୀବ୍ର କରିବ ବୋଲି ଜୟନ୍ତ ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନୁଗୋଳ ଜିଲା କଂଗ୍ରେସ ମୁଖପାତ୍ର ଗୋପାଳ ଚନ୍ଦ୍ର ନାଥ, ଜୟନ୍ତ ସାହୁ, ଦିଗମ୍ବର ଗଡନାୟକ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ତପସ୍ୱିନୀ ବିଶ୍ୱାଳ, ଲିଗାଲ ସେଲ୍ ଅଧ୍ୟକ୍ଷ ଧର୍ମେନ୍ଦ୍ର ନାଥ ମିଶ୍ର, ଓବିସି ସେଲ୍ ଅଧ୍ୟକ୍ଷ ପ୍ରବୋଧ ସ୍ୱାଇଁ, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ ପ୍ରଦ୍ୟୁମ୍ନ ସାହୁ, ମୁନା ପଟ୍ଟନାୟକ, ବଳବୀର ସିଂହ, ରାକେଶ ମିଶ୍ର, ନଗର ମହିଳା କଂଗ୍ରେସ ସଭାନେତ୍ରୀ ହସିଦା ଖାନ, ନଗର ଓବିସି ଅଧ୍ୟକ୍ଷ ଭଗବାନ ମହାନ୍ତି, ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

